# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ , କାଶୀନଗର , ଗଜପତି

ପତ୍ର ସଂଖ୍ୟା- ୯୯୪ | ତାରିଖ- ୦୧-୦୯-୨୦୨୬

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କାଶୀନଗର ବ୍ଲକ ଅଧିନସ୍ଥ ନିମ୍ନ ଛ (୦୬) ଗୋଟି ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦବୀ ପୁରଣ କରିବା ନିମନ୍ତେ ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ , କେବଳ ଅନଲାଇନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ନୂତନ ମାର୍ଗଦର୍ଶିକା ପତ୍ର ସଂଖ୍ୟା ୪୯୭୦/ **WCD** ଙ୍କ ତାରିଖ ୧୫.୦୩.୨୦୨୩ କୁ ଅନୁପାଳନ ପୂର୍ବକ ଅଙ୍ଗନୱାଡି କର୍ମୀ ଆବେଦନ ନିମନ୍ତେ ଆବଶ୍ୟକୀୟ ଯୋଗ୍ୟତା ଚୟନ ପ୍ରକ୍ରିୟା ଓ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା। ଯେଉଁ ପ୍ରାର୍ଥିନୀ ମାନେ ଉକ୍ତ ପଦବୀ ପାଇଁ ଇଚ୍ଛୁକ, ନିମ୍ନରେ ଦର୍ଶାଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରୁଥିବେ, ସେମାନେ **website** http://engagement awc.odisha.gov.in) ରେ **login** କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତା ପ୍ରମାଣ ପତ୍ର **upload** କରି ଆସନ୍ତା ତା ୦୩-୦୯-୨୦୨୬ ରିଖ ଠାରୁ ତା ୧୭-୦୯-୨୦୨୬ ରିଖ ସୁଦ୍ଧା ଆବେଦନ କରିପାରିବେ । ନିର୍ଦ୍ଧାରିତ ସମୟ ସୀମା ଅତିବାହିତ ହେଲେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଆବଶ୍ୟକ ପ୍ରମାଣ ପତ୍ର ଅସମ୍ପୂର୍ଣ ଭାବେ ଦାଖଲ ହୋଇଥିଲେ ଉକ୍ତ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପୁନର୍ବାର ସମସ୍ତ ଆବେଦନକାରୀ ମାନଙ୍କୁ ସୂଚିତ କରାଯାଉଅଛି ଯେ ଆସନ୍ତା ତା ୧୮-୦୯-୨୦୨୬ ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ଠାରେ ଦରଖାସ୍ତକାରୀଙ୍କ ଉପସ୍ଥିତରେ ପ୍ରମାଣ ପତ୍ରର ମୂଳ ନକଲ ଯାଞ୍ଚ କରାଯିବ, ନିଜର ସମସ୍ତ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ତାସହ **online** ଦରଖାସ୍ତ ଫର୍ମ ଓ ସମସ୍ତ ପ୍ରମାଣପତ୍ରର **zerox copies** ସାଙ୍ଗରେ ନେଇ ଆସିବେ । ଯାଞ୍ଚ ଦିବସରେ ଯଦି ଦରଖାସ୍ତକାରୀ ମାନେ ଅନୁପସ୍ଥିତ ରହିଲେ ଉକ୍ତ ପ୍ରାର୍ଥିନୀ ମାନଙ୍କ ଦରଖାସ୍ତକୁ ନାକଚ କରାଯିବ ।

ଏଣୁ ସମସ୍ତ ଆବେଦନକାରୀ ମାନଙ୍କୁ ଅନୁରୋଧ କରାଯାଉଛି ଯେ ଧାର୍ଯ୍ୟ ତାରିଖ, ସମୟ ଓ ସୂଚିତ ସ୍ଥାନରେ ସମସ୍ତ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ।

| କ୍ର ନଂ | ଗ୍ରାମପଞ୍ଚାୟତର ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ନିର୍ଦ୍ଧାରିତ ପରିସର ଭୁକ୍ତ ଅଞ୍ଚଳ | |
|---|---|---|---|---|
| | | | ସାହିର ପ୍ରଥମ ଘରର ବ୍ୟକ୍ତିଙ୍କ ନାମ | ସାହିର ଶେଷ ଘରର ବ୍ୟକ୍ତିଙ୍କ ନାମ |
| ୧ | ସିଧାମଡଙ୍ଗ | CH ଲକ୍ଷ୍ମୀପୁର | ଓଡଶୀ ବେଙ୍କଟ ରାଓ | ଅଶୋକ କୁମାର ପଟନାୟକ |
| ୨ | କେ.ସୀତାପୁର | କେ.ସୀତାପୁର-୨ | ଶିବନାରାୟଣ କଳିଙ୍ଗ | ନଟ ଗୌଡ |
| ୩ | କେ.ସୀତାପୁର | ତରଳା | ଇଶାକ ରଇତ | ଯାକୁବ ରଇତ |
| ୪ | କିଡିଗାଓଁ | କୋରାଟମ | ଗାରା ଦଣ୍ଡାସି | ଶରତ ଚନ୍ଦ୍ର ଦୋରା |
| ୫ | ଖାଣ୍ଡବା | ଖାଣ୍ଡବା-୨ | ଟି ରାମାରାଓ | N ସନ୍ତୋଷ |
| ୬ | ପାର୍ଥଡ଼ା | ବୁରୁଡି | ସଲ୍ମାନ ରଇତ | ଦୁକାନ ଗାମାଙ୍ଗ |



Scanned with OKEN Scanner

୦୧ ) ଯୋଗ୍ୟତା

କ) କେବଳ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ।

ଖ) ବୟସ – ପ୍ରାର୍ଥିନୀଙ୍କ ବୟସ ତା - ୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷରୁ ଉର୍ଦ୍ଧ ଏବଂ ୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ ।

ଗ) ଆବେଦନକାରୀ ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତ ଅର୍ଥାତ ଉପରେ ଦର୍ଶାଯାଇଥିବା ସୀମା ଗୃହ ଗୁଡିକୁ ମଧ୍ୟରେ ବାସିନ୍ଦା ହେବା ଦରକାର । ଯଦି ଅଙ୍ଗନୱାଡି କେନ୍ଦ୍ରର ପରିସର ଭୁକ୍ତ ଅଞ୍ଚଳରେ କୌଣସି ଯୋଗ୍ୟ ପ୍ରାର୍ଥିନୀ ନଥିଲେ ସେହି ଗ୍ରାମରେ ରହୁଥିବା ପ୍ରାର୍ଥିନୀଙ୍କୁ ନିଆଯିବ । ଯଦି ସେହି ଗ୍ରାମର କୌଣସି ଯୋଗ୍ୟ ପ୍ରାର୍ଥିନୀ ନଥିଲେ ସେହି ଗ୍ରାମ ପଞ୍ଚାୟତର ପ୍ରାର୍ଥିନୀଙ୍କୁ ନିଆଯିବ ।

ଘ) ମାଡା କିମ୍ବା ଆଇ.ଟି.ଡି.ଏ ଅଞ୍ଚଳର ପ୍ରାର୍ଥିନି ହୋଇଥିଲେ ଆଦିବାସୀଙ୍କୁ ଅଗ୍ରାଧିକାର ଦିଆଯିବ , ଆଦିବାସୀ ନଥିଲେ ହରିଜନ ପ୍ରାର୍ଥିନିଙ୍କୁ ଅଗ୍ରାଧିକାର ଦିଆଯିବ । ଯଦି ହରିଜନ ପ୍ରାର୍ଥିନି ନଥିଲେ ଜଣେ ଅଣ ଅନୁସୂଚିତ ଜନଜାତି/ଜାତି ପ୍ରାର୍ଥିନିଙ୍କୁ ଚୟନ କରାଯାଇ ପାରିବ ।

୦୨) ଶିକ୍ଷାଗତ ଯୋଗ୍ୟତା

କ ) ଅଙ୍ଗନୱାଡି କର୍ମୀ ଚୟନ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଶ୍ରେଣୀ ହୋଇଥିବା ଦରକାର ।

ଖ ) ଯେ ହେତୁ ଜଣେ ଅଙ୍ଗନୱାଡି କର୍ମୀ ଙ୍କୁ ଛୋଟ ପିଲା, ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା 'ମାନଙ୍କ ସହିତ ମୁକାବିଲା କରିବାକୁ ପଡିବ, ପ୍ରାକ ସ୍କୁଲ ଶିକ୍ଷା ଗ୍ରହଣ କରିବାକୁ ପଡିବ, ତେଣୁ ତାଙ୍କୁ ଓଡିଆ ଶିକ୍ଷା ପ୍ରମାଣ ପତ୍ର ସହିତ ଜ୍ଞାନ ବାଧ୍ୟତା ମୂଳକ ।

୩ ) ଆବଶ୍ୟକୀୟ ପ୍ରମାଣ ପତ୍ର

ପ୍ରାର୍ଥିନି ଉପରୋକ୍ତ ପୋର୍ଟାଲ ମାଧ୍ୟମରେ ଅନଲାଇନ ଆବେଦନ ସମୟରେ ନିମ୍ନ ଲିଖିତ ମୂଳ ପ୍ରମାଣ ପତ୍ର ଗୁଡିକ scan କରି ଆପ୍-ଲଡ୍ (upload ) କରିବେ । .

୧ ) ସମସ୍ତ ଶିକ୍ଷାଗତ ପ୍ରମାଣ ପତ୍ର

୨ ) ଜନ୍ମତାରିଖ ପ୍ରମାଣ ପତ୍ର/ ଦଶମ ଶ୍ରେଣୀ ପାସ୍ କରିଥିବା ପ୍ରମାଣ ପତ୍ର ।

୩) ଅଭିଜ୍ଞତା ପ୍ରମାଣ ପତ୍ର ଯଦି କିଛି ଥାଏ ।

୪ ) ପ୍ରାର୍ଥିନୀ ବସିନ୍ଦା ପ୍ରମାଣ ପତ୍ର ( ଅନ୍ତତଃ ୧ ବର୍ଷ ଭିତରର ) ଏବଂ ଜାତିଗତ ପ୍ରମାଣ ପତ୍ରର ନକଲ ( ଏଟେଷ୍ଟେଡ୍ କରି) ସଂଲଗ୍ନ କରିବେ ।

୫ ) Passport size photo ।

୪ ) ଶତକଡା

ଆବେଦନ କାରୀଙ୍କୁ ନିମ୍ନ ମତେ ଶତକଡା ହିସାବରେ ଚୟନ କରାଯିବ ।

କ) ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ମୋଟ ନମ୍ବରର ଶତକଡା ହିସାବ ଅନୁଯାୟୀ



Scanned with OKEN Scanner

ଖ) ଏହା ବ୍ୟତୀତ ନିମ୍ନ କ୍ଷେତ୍ରରେ ପ୍ରଦର୍ଶିତ ଅତିରିକ୍ତ ଶତକଡା ନମ୍ବର ପାଇବେ ।

| | | |
|---|---|---|
| ୧) | ଅନୁସୂଚିତ ଜନଜାତି / ଅନୁସୂଚିତ ଜାତି | ୧୦ % |
| ୨) | ବିଧବା | ୧୦% |
| ୩) | ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତାମାତା ନଥିବା) | ୧୦ % |
| ୪) | ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ଅଧିକ ଭିନ୍ନକ୍ଷମଙ୍କୁ ଶାରୀରିକ ଭିନ୍ନକ୍ଷମ ଭାବରେ ଗ୍ରହଣ କରାଯିବ) | ୦୫% |
| ୫) | ନିରାଶ୍ରୟ/ଛାଡପତ୍ର ପ୍ରାପ୍ତ/ପରିତ୍ୟକ୍ତା ମହିଳା | ୦୫% |
| ୬) | ଯଦି ପ୍ରାର୍ଥୀ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ | ୦୫% |
| ୭) | ଯଦି ପ୍ରାର୍ଥୀ ଅତୀତରେ ସମଗ୍ର ଶିକ୍ଷା/NPEGEL ଅଧୀନରେ ECCE କର୍ମୀ ଭାବେ କାର୍ଯ୍ୟ କରିଥିବେ | ୧୫ ପଏଣ୍ଟ ର ସର୍ବୋଚ୍ଚ ସୀମା ସହ ବାର୍ଷିକ ୫ ପଏଣ୍ଟ ସେବା ପ୍ରଦାନ । |
| ୮) | ଯଦି ପ୍ରାର୍ଥୀ ଅତୀତରେ ଗାଁର ବାଲୱାଡି କେନ୍ଦ୍ରରେ ବାଲୱାଡି କର୍ମୀ ଭାବେ କାର୍ଯ୍ୟ କରିଥିବେ | ୧୫ ପଏଣ୍ଟ ସହିତ ସେବାରେ ବାର୍ଷିକ ୫ ପଏଣ୍ଟ । |

୫ ) ପ୍ରମାଣପତ୍ର ଗୁଡ଼ିକ କେଉଁ ସଂସ୍ଥାରୁ ହୋଇଥିଲେ ଗ୍ରହଣଯୋଗ୍ୟ :

| | | | |
|---|---|---|---|
| କ) | ମାଟ୍ରିକ୍ ପାସ୍ ପ୍ରମାଣ ପତ୍ର | - | H.S.C ବୋର୍ଡରେ (ଜନ୍ମ ତାରିଖ ଯାଞ୍ଚ ପାଇଁ ) |
| ଖ) | +୨ ଏବଂ ତଦୁର୍ଦ୍ଧ | - | ବିଶ୍ୱବିଦ୍ୟାଳୟର |
| ଗ) | ଆଦିବାସୀ ବା ହରିଜନ ହୋଇଥିଲେ | - | ତହସିଲଦାରଙ୍କ ଠାରୁ ପ୍ରାପ୍ତ ହେବା ପ୍ରମାଣ ପତ୍ର |
| ଘ) | ବାସସ୍ଥାନ ପ୍ରମାଣ ପତ୍ର | - | ତହସିଲଦାରଙ୍କ ଠାରୁ ପ୍ରାପ୍ତ ହେବା ପ୍ରମାଣ ପତ୍ର |
| ଙ) | ଶାରୀରିକ ଭିନ୍ନକ୍ଷମ ପ୍ରମାଣ ପତ୍ର | - | ମେଡ଼ିକାଲ ବୋର୍ଡର |
| ଚ) | ବିଧବା ହୋଇଥିଲେ | - | ସ୍ବାମୀଙ୍କ ମୃତ ପ୍ରମାଣ ପତ୍ର ସଂପୃକ୍ତ ବିଭାଗର |
| ଛ) | ଅନାଥ / ନିରାଶ୍ରୟ | - | ସଂପୃକ୍ତ ବିଭାଗର |
| ଜ) | ସ୍ୱାମି ପରିତ୍ୟକ୍ତା | - | କୋର୍ଟର ଆଦେଶ |

୬) ଏଥିନିମନ୍ତେ ଚୟନ ଧାରା

| | | |
|---|---|---|
| କ) | ଆବେଦନ ପତ୍ରର ଗ୍ରହଣ ତାରିଖ | - ୦୩-୦୯-୨୦୨୬ ରିଖ ଠାରୁ ତା ୧୭-୦୯-୨୦୨୬ ରିଖ ପର୍ଯ୍ୟନ୍ତ |
| ଖ) | ପ୍ରମାଣ ପତ୍ର ଯାଞ୍ଚର ତାରିଖ (ପ୍ରାର୍ଥିନୀ ନିଜେ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ) | - ତା ୧୮-୦୯-୨୦୨୬ ରିଖ |
| ଗ) | ପ୍ରମାଣ ପତ୍ର ଯାଞ୍ଚପରେ କୌଣସି ବ୍ୟକ୍ତି ମଧ୍ୟରେ ବିଶେଷ ଉପରେ କିମ୍ବା ଶିକ୍ଷାଗତ ଯୋଗ୍ୟତା ଉପରେ କିମ୍ବା ବାସସ୍ଥାନ ବା ଜାତି ଉପରେ ଲିଖିତ ଅଭିଯୋଗ ଦାଖଲର ସମୟ ସୀମା | - ତା ୧୯-୦୯-୨୦୨୬ ରିଖ ଠାରୁ ତା ୨୫-୦୯-୨୦୨୬ ରିଖ |
| ଘ) | ଅଭିଯୋଗ ଗୁଡ଼ିକର ତଦନ୍ତର ଶେଷ ତାରିଖ | - ତା ୨୬-୦୯-୨୦୨୬ ରିଖ ଠାରୁ ତା ୦୨-୦୮-୨୦୨୬ ରିଖ |



Scanned with OKEN Scanner

ଡ) ଅଭିଯୋଗ ଫଇସଲା ପରେ କାଏମ ରହିଥିବା ଦରଖାସ୍ତ ପରେ ଚୟନ କମିଟି ବସିବା ତାରିଖ - ପରେ ନିର୍ଦ୍ଧାରିତ ହେବ

ଶିଶୁ ବିକାଶ ଯୋଜନା ଅଧିକାରୀ
କାଶୀନଗର , ଜିଲ୍ଲା-ଗଜପତି
Child Development
Project Officer
Kashinagar

ପରି ପତ୍ରସଂଖ୍ୟା- ୯୯୫ ତାରିଖ- ୦୧-୦୯-୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ କେନ୍ଦ୍ରର ଦାୟିତ୍ବରେ ଥିବା ଅଙ୍ଗନୱାଡି କର୍ମୀଙ୍କ ଦ୍ବାରା ଗ୍ରାମର ସମସ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରଦାନ କରାଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ
କାଶୀନଗର , ଜିଲ୍ଲା-ଗଜପତି
Child Development
Project Officer
Kashinagar

ପରି ପତ୍ରସଂଖ୍ୟା- ୯୯୬ ତାରିଖ- ୦୧-୦୯-୨୦୨୬

ଏହାର ଏକାକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ ଗୋଷ୍ଠୀ ଶିକ୍ଷା ଅଧିକାରୀ/ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ/ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଅବଗତି ନିମନ୍ତେ ପ୍ରେରଣା କରାଗଲା ତଥା ଉକ୍ତ ସମସ୍ତ କାର୍ଯ୍ୟାଳ ୟ ବିଜ୍ଞାପନ ଫଳକରେ ବହୁଳ ପ୍ରଚାର ନିମନ୍ତେ ଉପଲବ୍ଧ କରାଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ
କାଶୀନଗର , ଜିଲ୍ଲା-ଗଜପତି
Child Development
Project Officer
Kashinagar

ପରି ପତ୍ରସଂଖ୍ୟା- ୯୯୭ ତାରିଖ- ୦୧-୦୯-୨୦୨୬

ଏହାର ଏକାକିତା ନକଲ ଉପ-ଜିଲ୍ଲାପାଳ, ପାରଳାଖେମୁଣ୍ଡି / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଗଜପତିଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

ଶିଶୁ ବିକାଶ ଯୋଜନା ଅଧିକାରୀ
କାଶୀନଗର , ଜିଲ୍ଲା-ଗଜପତି
Child Development
Project Officer
Kashinagar



Scanned with OKEN Scanner